## ୮ ବଖରା ଜଳିଗଲା

ଭଣ୍ଡାରିପୋଖରୀ, (ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରଣଜିତ ପଞ୍ଚାୟତ ନୀଳାଦ୍ରି ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୮ବଖରା ଘର ଜଳିଯାଇଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିଛନ୍ତି। ଶୁକ୍ରବାର ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଶାନ୍ତକାନ୍ତି ସାମଲ, କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ସରପଞ୍ଚ ସୁଜାତା ସାହୁ, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା, ସୁଶାନ୍ତ ମଲ୍ଲିକ ପ୍ରମୁଖ ଅଗ୍ନିପୀଡ଼ିତଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇ ଦେଇଛନ୍ତି।



## ସଂକ୍ଷେପରେ

### ଡହଡହ ଖରା, ଖୋଲୁନି ଜଳଛତ୍ର

ଉଦଳା,୧୪।୪(ଡି.ଏନ.ଏ.)- ଏବେ ସାରା ରାଜ୍ୟରେ ପାରଦ ଉପରମୁହାଁ। ଦିନକୁ ଦିନ ତାତି ବଢ଼ିବାରେ ଲାଗିଥିବା ବେଳେ ଡହଡହ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଭଳିସ୍ଥଳେ ଉଦଳା ଏନ୍ଏସି କିନ୍ତୁ ଏହି ଗ୍ରୀଷ୍ମ ତାତିକୁ ନେଇ ବେଫିକର। ଏନ୍ଏସି ଅଞ୍ଚଳରେ ପଥଚାରୀଙ୍କ ନିମନ୍ତେ କୌଣସି ୱାର୍ଡରେ ଏବେ ସୁଦ୍ଧା ଜଳଛତ୍ର ଖୋଲାଯାଇନାହିଁ। ବିଶେଷକରି ଜନଗହଳିପୂର୍ଣ୍ଣ ସ୍ଥାନ ଉଦଳା ବସ୍ଷ୍ଟାଣ୍ଡ, ହାଇସ୍କୁଲ ଛକ, କଚେରି ପରିସର, ମସଜିଦ୍ ଛକ, ଆର୍ଏମ୍ସି ମାର୍କେଟ ଛକରେ ଜଳଛତ୍ରର ଆବଶ୍ୟକତା ରହିଛି ହେଲେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିଲେ ମଧ ଅଦ୍ୟାବଧି ଏନ୍ଏସି ପକ୍ଷରୁ ଜଳଛତ୍ର ଖୋଲିବାର ବ୍ୟବସ୍ଥା କରାଯାଇନାହିଁ ଏଭଳି ଅବସ୍ଥାରେ ପଥଚାରୀମାନେ ପାନୀୟ ଜଳ ବୁନ୍ଦାଏ ପାଇଁ ତହଲବିକଳ ହେଉଛନ୍ତି ଏ ବାବଦରେ ଏନ୍ଏସି ଚେୟାରମ୍ୟାନ୍ ପ୍ରମିଳା ପଣ୍ଡାଙ୍କୁ ପଚାରିବାରୁ ନିକଟରେ ଆୟୋଜିତ ହୋଇଥିବା ବୈଠକରେ ଏ ନେଇ ଆଲୋଚନା କରାଯାଇଛି। ଖୁବଶୀଘ୍ର ଏନ୍ଏସିର ୧୨ଟି ୱାର୍ଡରେ ଜଳଛତ୍ର ଖୋଲାଯିବ ବୋଲି ସେ କହିଛନ୍ତି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟଙ୍କୁ ପଚାରିବାରୁ ସେ ନିଜ ଉପରୁ ଦୋଷ ଖସାଇ ଦେଇଛନ୍ତି।

### ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ପାଳିଲେ

ବୈଶିଙ୍ଗା,୧୪।୪(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବେତନଟୀ ରେଳ ଷ୍ଟେଶନ ପରିସରରେ ଶୁକ୍ରବାର ସିଭିଲ ସୋସାଇଟି ଓ ମୟୂର ସାହିତ୍ୟ ସଂସଦ ପକ୍ଷରୁ ମିଳିତ ଭାବେ ମହାବିଷୁବ ସଂକ୍ରାନ୍ତି ସହ ଓଡ଼ିଆ ନବବର୍ଷ ପାଳନ କରାଯାଇଛି। ସେହିପରି ଡ. ବି. ଆର୍. ଆମ୍ବେଡକର ଜୟନ୍ତୀ, ରାଧାରମଣଦେବ ଜୟନ୍ତୀ ଓ ହନୁମାନ ଜୟନ୍ତୀ ଏକତ୍ର ପାଳନ କରାଯାଇଥିଲା। ସଭାପତି ତଥା ଜଗନ୍ନାଥ ସେବକ ଜୟନ୍ତ କୁମାର ପଟ୍ଟନାୟକ ଓ କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ସଭାପତିତ୍ୱ କରିଥିଲେ। ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସିଭିଲ ସୋସାଇଟି ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଆଲୋଚ୍ୟ ପ୍ରସଙ୍ଗ ଉପସ୍ଥାପନ ଏବଂ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ସେବକ ପଟ୍ଟନାୟକ, ଶିକ୍ଷାବିତ୍ ନନ୍ଦଗୋସ୍ୱାମୀ, ମୟୂର ସାହିତ୍ୟ ସଂସଦ ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ, ବାସୁଦେବ ନାପିତ, ସହଦେବ ଗିରି, ନୀରୋଦ ସୁନ୍ଦର ଜେନା, ହରେନ୍ଦ୍ର ନାଥ ବାରିକ, ଜଗନ୍ନାଥ ରାଜ ଓ ଯାମିନୀକାନ୍ତ ନାଏକ କେବଳ ଓଡ଼ିଆ ନବବର୍ଷ ନୁହେଁ, ବରଂ ଏହାକୁ ଏକ ବନ୍ଧୁମିଳନର ଦିବସ ବୋଲି କହିଥିଲେ। ସଦସ୍ୟ କମଳ ଲୋଚନ କର ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ୟାପକ ମଦ ଜବତ, ୩ ଗିରଫ

ଖୁଣ୍ଟା, ୧୪।୪(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁଅଁରଙ୍କ ନିର୍ଦ୍ଦେଶ କ୍ରମେ ଖୁଣ୍ଟା ଅବକାରୀ ବିଭାଗ ଅଧିକାରୀ ଶୁଭଦର୍ଶିନୀ ସାହୁଙ୍କ ନେତୃତ୍ୱରେ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ୟାପକ ମଦ ଜବତ କରିଛି। ୩ ଜଣଙ୍କୁ ଗିରଫ କରାଯାଇଛି। ବିଭାଗୀୟ ଉପନୀରିକ୍ଷକ ବିଜୟ ମହାନ୍ତ, କନଷ୍ଟେବଲ ତପନ ପରିଡ଼ା ଓ ଦୀପାଞ୍ଜଳୀ ଦାସ ଖୁଣ୍ଟାଥାନା ଅଧୀନ ପୁରୁଣାପାଣି ଗ୍ରାମର ଦିଲ୍ଲୀପ ବେହେରାଙ୍କ ଘରେ ଚଢ଼ାଉ କରି ୩ ଲିଟର ୬ ଶହ ମିଲିଲିଟର ବିଦେଶୀ ମଦ ଜବତ କରିବା ସହ ଗିରଫ କରାଯାଇଥିଲା। ସେହିପରି ପୁରୁଣାପାଣି ଗ୍ରାମର ଚନ୍ଦନ ସିଂ ଓ କୁଶଗଡ଼ିଆ ଗ୍ରାମର କୁନୁ ଚାପିୟାର ବେଆଇନ ଭାବେ ବିକ୍ରୀ ଉଦ୍ଦେଶ୍ୟରେ ଗଚ୍ଛିତ ରଖିଥିବା ମୋଟ ୩୪ ଲିଟର ମହୁଲି ମଦକୁ ଜବତ କରିଥିଲେ। ଉଭୟଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉ ସମୟରେ ପୃଥକ ସ୍ଥାନରୁ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାଯାଇଛି।

# ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ନିଯୁକ୍ତି ଉପରେ ଗୁରୁତ୍ୱ

**କେନ୍ଦୁଝର,୧୪।୪(ଡି.ଏନ୍.ଏ./ସ୍ୱ.ପ୍ର.)**



ଜିଲାପାଳ ଆଶିଷ ଠାକରେ ଓ ଅନ୍ୟମାନେ।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମିନି ସଭାଗୃହରେ ୪ର୍ଥ ଜିଲାସ୍ତରୀୟ ଦକ୍ଷତା ବିକାଶ କମିଟି ବୈଠକ ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଥିବା ସରକାରୀ ଦକ୍ଷତା ବିକାଶ ଅନୁଷ୍ଠାନଗୁଡ଼ିକରେ କିଭଳି ଉନ୍ନତମାନର ଗୁଣାତ୍ମକ ଦକ୍ଷତା ବିକାଶ ଶିକ୍ଷା ପ୍ରଦାନ କରାଯାଇପାରିବ, ଏଥିସହ ଛାତ୍ରୀଛାତ୍ରମାନଙ୍କର ଶତପ୍ରତିଶତ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଉପରେ କାମ କରିବାକୁ ପଡ଼ିବ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ତ୍ରିଲୋଚନ ସାହୁ, ମାଇନିଂ ସ୍କୁଲର ଅଧ୍ୟକ୍ଷ ଜ୍ଞାନରଞ୍ଜନ ରାଏ, ସରକାରୀ ଶିଳ୍ପ ପ୍ରତିଷ୍ଠାନ ଆନନ୍ଦପୁର ଓ ବଡ଼ବିଲର ଅଧ୍ୟକ୍ଷ ଉପସ୍ଥିତ ରହି ଜିଲାରେ ଥିବା ଦକ୍ଷତା ବିକାଶ ଅନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ସହ ନୂଆ ବୈଷୟିକ ଗୁଣାତ୍ମକ ଶିକ୍ଷା ଉପରେ ଦୃଷ୍ଟି ଦେବାକୁ କହିଥିଲେ। ଟାଟା ଷ୍ଟିଲ୍ ଯୋଡ଼ାର ସିନିୟର ମ୍ୟାନେଜର ପଙ୍କଜ ଶ୍ରୀବାସ୍ତବ ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା ଭାଗନେଇ ସେମାନଙ୍କର ମତାମତ ପ୍ରଦାନ କରିଥିଲେ। ଖଣି ଓ ଶିଳ୍ପ ପ୍ରତିନିଧିମାନଙ୍କୁ ଦକ୍ଷତା ବିକାଶ ଅନୁଷ୍ଠାନଗୁଡ଼ିକୁ ସହଯୋଗର ହାତ ବଢ଼ାଇବା ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଅପ୍ ସ୍କିଲିଂ, ଓରିଏଣ୍ଟେଶନ ପ୍ରୋଗ୍ରାମ ଏବଂ ଇଣ୍ଡଷ୍ଟ୍ରିଆଲ ଭିଜିଟ ଉପରେ ସହଯୋଗର ହାତ ବଢ଼ାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କେନ୍ଦୁଝରେ ଥିବା ବିଭିନ୍ନ କ୍ଷେତ୍ରରେ ଅଣକୁଶଳୀ ଶ୍ରମିକମାନଙ୍କୁ ଚିହ୍ନଟକରି ସ୍ୱଳ୍ପ ତାଲିମ ମାଧ୍ୟମରେ ସ୍ୱୀକୃତି ପ୍ରଦାନ କରିବା, ସାର୍ଟିଫିକେଟ ଦେଇ ନିଯୁକ୍ତି କିମ୍ବା ସ୍ୱାବଲମ୍ବୀ କରାଇବା ବିଷୟରେ ସେଣ୍ଟ୍ରାଲ ଟୁଲ୍ ରୁମ୍ ଟ୍ରେନିଂ ସେଣ୍ଟରର ପ୍ରତିନିଧି ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଜିଲା ଶିଳ୍ପ କେନ୍ଦ୍ର ସହକାରୀ ପରିଚାଳକ, ସହକାରୀ ନିର୍ଦ୍ଦେଶକ ହସ୍ତତନ୍ତ, ଜିଲା ଶିକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଭାଗନେଇଥିଲେ। କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଓଡ଼ିଶା ରାଜ୍ୟସ୍ତରୀୟ ସ୍କିଲ୍ କନ୍କ୍ଲେଭ ଏପ୍ରିଲ ୨୦ ରୁ ୨୨ ପାଇଁ କେନ୍ଦୁଝର ଜିଲାରୁ ପ୍ରତିନିଧିତ୍ୱ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲେ।

**ଜିଲା ଦକ୍ଷତା ବିକାଶ କମିଟି ବୈଠକ**

# ଅସୁରାଳି ମହୋତ୍ସବ ଉଦ୍ଯାପିତ



ଅସୁରାଳି ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ଅତିଥିମାନେ।

**ଭଦ୍ରକ ଅଫିସ, ୧୪।୪ (ସ୍ୱ.ପ୍ର.)**

ମହୋତ୍ସବ ଆମକୁ ଆମ ସଂସ୍କୃତି, କଳା ଓ କଳାକାରମାନଙ୍କ ସହ ପରିଚିତ କରିଥାଏ ବୋଲି ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି ରାଜ୍ୟ ସଭାପତି ରବିନାରାୟଣ ଖିଲାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍ପି ମଞ୍ଜୁଲତା ମଣ୍ଡଳ, ମୁଖ୍ୟବକ୍ତା ବିଧାୟକ ପ୍ରଫୁଲ୍ଲ ସାମଲ, ବରେଣ୍ୟ ଅତିଥି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ଚେତନା ସଂଘ ସମ୍ପାଦକ ଉତ୍କଳ ଭୂଷଣ ନାୟକ, ପ୍ରାକ୍ତନ ସରପଞ୍ଚ ଅର୍ଚ୍ଚନା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ନାୟକ ଅସୁରାଳିର ଇତିହାସ ପଠନ କରିଥିଲେ। ଖବରଦାତା ସନ୍ତୋଷ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ହସ୍ତଶିଳ୍ପ ବିଭାଗ ସହ ନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳ, ରାଜ୍ୟ ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି, ଜିଲା ସଭାପତି ଆନନ୍ଦ ଚନ୍ଦ୍ର ନାୟକ, ଶିକ୍ଷକ ବେହେରା, ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଟା ପଣ୍ଡା, କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଷ୍ଣୁ ଚରଣ ବେହେରା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପିକା ସୁମିତା ପତି ମଞ୍ଚ ସଞ୍ଚାଳନ କରିଥିଲେ। କୁମାର ଗୌତମ ପ୍ରଯୋଜିତ ଗୀତ ସମ୍ରାଟ ଅର୍କେଷ୍ଟ୍ରାର କଳାକାରମାନଙ୍କ ଦ୍ୱାରା ମେଲୋଡ଼ି ପରିବେଷଣ ହୋଇଥିଲା। ଶିକ୍ଷାବିତ୍ ଧର୍ମେନ୍ଦ୍ର ବେହେରା, ମନୋରଞ୍ଜନ ଗୋସ୍ୱାମୀ, ଶଙ୍କର୍ଷଣ ମଲ୍ଲିକ, ରବୀନ୍ଦ୍ର ଜେନା, ଅଜିତ ସାହୁ, ଡାକ୍ତର ସଦାନନ୍ଦ ଦାସ, ବରିଷ୍ଠ ନାଗରିକ ବୁଦ୍ଧିରାମ ଦାସ, ମା' ଶାରଦା ଦେବୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ, ସୂରଜ ସାହୁ, ଖବରଦାତା ଜଗନ୍ନାଥ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଆମ୍ବେଡ୍କର ଜୟନ୍ତୀ

**ବାରିପଦା ଅଫିସ,୧୪।୪**



ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସହ ଅନ୍ୟ ଅଧିକାରୀମାନେ।

ଭାରତର ସମ୍ବିଧାନ ପ୍ରଣେତା ରାଷ୍ଟ୍ରନୀତିଜ୍ଞ ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଡ୍କରଙ୍କ ୧୩୨ତମ ଜନ୍ମ ଜୟନ୍ତୀ ମୟୂରଭଞ୍ଜ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ବାରିପଦା ପୌରପରିଷଦ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାରିପଦା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ପୂର୍ଣ୍ଣଚନ୍ଦ୍ରପୁରଠାରେ ଅବସ୍ଥାପିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିସ୍ଥଳରେ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ସାମୁହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଉନ୍ନୟନ ବିଭାଗର ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଜିଲା ଆରକ୍ଷୀ ଅଧିକ୍ଷକ ରଷିକେଶ ଦ୍ୟାନଦେଓ ଖିଲାରୀ, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ପୌରପାଳିକାର ଉପାଧ୍ୟକ୍ଷା ସୀମା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍ସିଲର ନିରୁପମା ମହାନ୍ତି, ସୁକେଶିନୀ ସେଠୀ, ବାରିପଦା ପୌରପାଳିକାର କାଉନ୍ସିଲର, ଆମ୍ବେଦକର ସମିତି, ତ୍ରିରଙ୍ଗା କ୍ଲବ୍ର ସଭାପତି, ସମ୍ପାଦକ ଓ ସଦସ୍ୟ, ବିଭିନ୍ନ ସରକାରୀ ପଦାଧିକାରୀମାନେ ଯୋଗଦେଇଥିଲେ। ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଏହି ଅବସରରେ ବାରିପଦା ସହରସ୍ଥିତ ପୂର୍ଣ୍ଣଚନ୍ଦ୍ରପୁରଠାରେ ବାରିପଦା ପୌରପାଳିକା ତରଫରୁ ନିର୍ମିତ ଏକ ପରିଚୟ ଗୃହ ଓ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟ ପରିସରରେ ଏକ ନବ ନିର୍ମିତ ମୁକ୍ତ ଆକାଶ ବ୍ୟାୟାମ ଶାଳାକୁ ଜିଲାପାଳ ଉଦ୍ଘାଟନ କରିଥିଲେ। ପୌରପାଳିକା ଅନ୍ତର୍ଗତ ୧୫ ନମ୍ବର ୱାର୍ଡର ୭୭ ଜଣ ଭୂମିହୀନ ହିତାଧିକାରୀଙ୍କୁ ଜମି ପଟ୍ଟା ମଧ ବଣ୍ଟନ କରିଥିଲେ।

# ଚୋର ଧରିବାକୁ ରାତି ଉଜାଗର

**କାବୁ କରି ପୋଲିସ ଜିମା**

**ବାରିକପୁର,୧୪।୪(ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ କରଞ୍ଜି ଗୁଣ୍ଡୁପୁର ଗ୍ରାମର ଭାସ୍କର ମୁଦୁଲିଙ୍କ ବାଡ଼ିରୁ ଧାନ, ଲୁହା ଛଡ, ପାଲ ସମେତ ବାହାରେ ଥିବା ବିଭିନ୍ନ ଘର ଉପକରଣ ଜିନିଷ ଗତ ୩ ମାସ ଧରି ଚୋରି ହେଉଥିଲା। କିଏ ଚୋରି କରୁଛି, ଧରିବା ପାଇଁ ପରିବାର ଲୋକେ ପାଳି କରି ରାତି ଉଜାଗର ହୋଇ ଜଗି ଆସୁଥିଲେ। ଶେଷରେ ଚୋରଙ୍କୁ ସେମାନେ କାବୁ କରିଛନ୍ତି। ଗୁରୁବାର ଭୋର ୪ଟାରେ କେହି ତାଙ୍କ ଟ୍ୟୁବ୍ୱେଲକୁ ଖୋଲୁଥିବା ଦେଖିବା ପରେ ଗୋଡ଼ାଇ ଗୋଡ଼ାଇ କାବୁ କରିଥିଲେ। ପରେ ସେମାନେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ଶୁକ୍ରବାର ପୋଲିସ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଧାମନଗର ଥାନା ଅଧୀନ ନିର୍ଗୁଣ୍ଡି ଗ୍ରାମର ଅଶୋକ ବେହୁରିଆ(୨୧)। ସେ ଏହି ଅଞ୍ଚଳରେ ସହଯୋଗୀମାନଙ୍କ ସହ ଚୋରି କରୁଥିବା ମାନିଛନ୍ତି।

# ଶ୍ରୀ ବିଦ୍ୟା ବାଟିକାର ପ୍ରଥମ ବାର୍ଷିକ ଉତ୍ସବ





ମଞ୍ଚାସୀନ ଅତିଥିମାନେ।

**ଢେଙ୍କିକୋଟ,୧୪।୪(ଡି.ଏନ.ଏ)**

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ଶ୍ରୀ ବିଦ୍ୟା ବାଟିକାର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟା ବାଟିକାର ଉପଦେଷ୍ଟା ତଥା ଅଧ୍ୟକ୍ଷା ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ବରିଷ୍ଠ ଅବସରପ୍ରାପ୍ତ ଶାଖା ପରିଚାଳକ କୂଳମଣି ମଣ୍ଡଳ, ମୁଖ୍ୟ ବକ୍ତାଭାବେ ଖବରଦାତା ନୃସିଂହନାଥ ସିଂହ, ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ଉଜ୍ଜଳ ସାହୁ, ନୀଳକଣ୍ଠ ଦଳେଇ ଏବଂ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ଦିଲ୍ଲୀପ ସାହୁ ଯୋଗଦେଇଥିଲେ। ଶ୍ରୀ ଗୁରୁକୁଳ ମଡେଲ ସ୍କୁଲର ଶିକ୍ଷକ ଧବଳେଶ୍ୱର ବେହେରା ସଭା ପରିଚାଳନା କରିଥିଲେ। ଅତିଥିମାନେ ଅଭିଭାଷଣ ମାଧ୍ୟମରେ ଶ୍ରୀ ବିଦ୍ୟା ବାଟିକାର ଉତ୍ତରୋତ୍ତର କାମନା କରିବା ସହ ଢେଙ୍କିକୋଟ ଅଞ୍ଚଳରେ ଶିକ୍ଷା ବିକାଶର ଆଲୋକ ବୋଲି କହିଛନ୍ତି। ଶେଷରେ କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**୫ରୁ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ**

# ମୁଖ୍ୟ ଆକର୍ଷଣ ବଲିଉଡ୍ ଗାୟକ

**ନୀଳଗିରି, ୧୪।୪(ସ୍ୱ.ପ୍ର.)**





ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ।

ବାଲେଶ୍ୱର ଜିଲା ନୀଳଗିର ବ୍ଲକ କେସି ହାଇସ୍କୁଲ ପଡ଼ିଆରେ ପ୍ରଥମଥର ଲାଗି ଆସନ୍ତା ମେ' ୫, ୬, ୭ ତାରିଖରେ ୩ଦିନ ପାଇଁ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କରାଯିବା ଲାଗି ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଆକର୍ଷଣ ଭାବେ ବଲଉଡ୍ ଗାୟକ ସଲମାନ ଅଲ୍ଲୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସବ୍ୟସାଚୀ ମହାପାତ୍ରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବରେ କିପରି ଅଧିକ ଉନ୍ନତଧରଣର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେନେଇ ୨୫ଜଣ ସଦସ୍ୟ ବିଶିଷ୍ଟ ଏକ କୋର କମିଟି ସହ ୫ଶହରୁ ଊର୍ଦ୍ଧ୍ୱ ଯୁବକଙ୍କୁ ସଦସ୍ୟ ଭାବେ ପଞ୍ଜୀକୃତ କରାଯାଇ ଉପସ୍ଥିତ ବିଭିନ୍ନ ବର୍ଗର ଯୁବଗୋଷ୍ଠୀ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନଙ୍କୁ ମହୋତ୍ସବ ସମ୍ପର୍କରେ ମତାମତ ନିଆଯାଇଥିଲା। ମହୋତ୍ସବ ଉପଲକ୍ଷେ ଆସନ୍ତା ଏପ୍ରିଲ ୨୩ରେ ରକ୍ତଦାନ ଶିବିର, ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଏବଂ ସାଧାରଣଜ୍ଞାନ, ୨୫ରେ କବାଡ଼ି ପ୍ରତିଯୋଗିତା, ୨୬ରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଓଲିଉଡ୍ ଓ ବଲିଉଡର ନାମୀଦାମୀ କଳାକାର ଏହି ମହୋତ୍ସବରେ ଯୋଗଦେବେ। ପ୍ରସ୍ତୁତି ବୈଠକରେ ଶରତ ଦାସ, ଉଦୟଜ୍ୟୋତି ମହାନ୍ତି, ଶୁଭେନ୍ଦୁ ଦାସ ମଙ୍ଗରାଜ, ଦୀପକ ରଞ୍ଜନ ଦାସ, ବିଦ୍ୟାଧର ଖଟୁଆ, ବିଜୟ ଲେଙ୍କା, ଲକ୍ଷ୍ମୀଧର ବାରିକ, ନିଗମ ମହାପାତ୍ର, ମାନଗୋବିନ୍ଦ ସିଂ ସମେତ ବହୁ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଅଧ୍ୟାପକ, କର୍ମଚାରୀଙ୍କ ପେନ୍ସନ ଲାଗି ଦାବିପତ୍ର

**ବାଲେଶ୍ୱର ଅଫିସ, ୧୪।୪**

ବାଲେଶ୍ୱର ଜିଲାର ୪୮୮ ଓ ୬୬୨ ବର୍ଗରେ ଅବସରପ୍ରାପ୍ତ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ବହୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିଜ ହାତରେ ଗଢ଼ିଥିଲେ ସେମାନେ, ମାତ୍ର ଆଜି ବଞ୍ଚିବାକୁ ସାହାରା ପାଉ ନାହାନ୍ତି। ସେଥିପାଇଁ 'ପେନ୍ସନ୍ ନହେଲେ ଆତ୍ମାହୂତ' କିମ୍ବା 'ପେନ୍ସନ୍ ଦିଅ ନହେଲେ ଗୁଳି କରି ମାରିଦିଅ' ସ୍ଲୋଗାନ୍ ଦେବା ଏକ ଦୁଃଖର ବିଷୟ। ଏହି ଅବସରପ୍ରାପ୍ତ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପ୍ରତି ସରକାର ସହାନୁଭୂତି ନ ଦେଖାଇଲେ ଆଗାମୀ ଦିନରେ ରାଜଧାନୀର ରାଜରାସ୍ତାକୁ ଯାଇ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଶିଶିର କୁମାର କର, ରାମ ଚନ୍ଦ୍ର ନାୟକ, ସୁଜୟ କୁମାର ନନ୍ଦ, ଲକ୍ଷ୍ମୀଧର ପାତ୍ର ଓ ସୁରତି ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଯୋଡ଼ା,୧୪।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳ ଅଧୀନ ୮ ନଂ. ୱାର୍ଡ ପାତ୍ରସାହି ଗଣେଶ ଭବନ ଛକ ନିକଟରେ ଶୁକ୍ରବାର ଭାରତରତ୍ନ ଡା.ଭୀମରାଓ ଆମ୍ବେଡ୍କରଙ୍କ ୧୩୨ତମ ଜୟନ୍ତୀ ସମାରୋହ ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା, ସମ୍ମାନିତ ଅତିଥି ରୂପେ ଯୋଡ଼ା ପୌରପାଳିକା ପୌରାଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ଯୋଡ଼ା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ, ବାବୁଲାଲ ସାହୁ ଯୋଗଦେଇଥିଲେ। ଧରଣୀଧର ଛକରେ ବୀର ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆମ୍ବେଡ୍କର ସ୍ମୃତି କମିଟି ସଦସ୍ୟ ବସନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଜୟ ପାତ୍ର କମିଟି ତରଫରୁ ବିବରଣୀ ପାଠ କରିଥିଲେ। ସଭାପତି ଭାସ୍କର ବେଣିପୁରୀ ସଭା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ରାଉରକେଲାରୁ ଆସିଥିବା କାଶୀନାଥ ପାତ୍ର ଯୋଗଦେଇ ଆମ୍ବେଡ୍କରଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ ତଥ୍ୟ ରଖିଥିଲେ। ଜୟନ୍ତୀ ପାଳନ ଉତ୍ସବକୁ ସ୍ମୃତି କମିଟି ସମ୍ପାଦକ ଗୋକୁଳ ପାତ୍ର, ମାୟା ପାତ୍ର, ନରେଶ ପାତ୍ରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ପୂର୍ବତନ ଯୋଡ଼ା ପୌରାଧ୍ୟକ୍ଷ କରୁଣାକର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସ୍ମୃତି କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉଦ୍ୟୋକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





ଜୟନ୍ତୀ ସମାରୋହ ମଞ୍ଚଳରେ ମଞ୍ଚାସୀନ ଅତିଥିମାନେ।

# 'ସଫଳତା ଲାଗି କଠିନ ପରିଶ୍ରମ ଆବଶ୍ୟକ'

**ଭଦ୍ରକ ଅଫିସ, ୧୪।୪:** ଭଦ୍ରକ ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁପ୍ରୀତି କରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଅନୀତା ଦଳାଇ, ପୂର୍ବତନ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ସ୍ୱାଇଁ, ଅଧ୍ୟାପକ ଅଶୋକ କୁମାର ନାୟକ, ରାଜେଶ କୁମାର ପାହାଡ଼ୀ ପ୍ରମୁଖ ଯୋଗ ଦେଇଥିଲେ। ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ଆବଶ୍ୟକ ବୋଲି ସେମାନେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପୁଷ୍ପାଞ୍ଜଳି ଖଟୁଆ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଅଧ୍ୟକ୍ଷା କର ପ୍ରାରମ୍ଭିକ ଭାଷଣ ଦେଇ ବିଦାୟୀ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ବନିତା ରଣା, ଶିବାନୀ ସୁତାର, ମାମାଲି ସାହୁ, ପ୍ରିୟପ୍ରିୟା ନାୟକ, କବିତା ଦାଶ ପ୍ରମୁଖ ନିଜର ସ୍ମୃତିବଖାଣିଥିଲେ।

# ୨୦ବର୍ଷ ହେଲା ପୁଅର ଫେରିବା ବାଟକୁ ଅପେକ୍ଷା

**ସିମୁଳିଆ, ୧୪।୪(ଡି.ଏନ.ଏ.)**

ଦିନେ କିମ୍ବା ଦୁଇଦିନ ନୁହେଁ, ୨୦ବର୍ଷ ହେଲା ପୁଅର କିଛି ପତ୍ତା ନାହିଁ। ବିଭିନ୍ନ ମନ୍ଦିର, ସାଧକ, ଜ୍ୟୋତିଷଙ୍କ ନିକଟକୁ ବୁଝାବୁଝି ପାଇଁ ଯାଇ ଅନେକ ଟଙ୍କା ଖର୍ଚ୍ଚ କରିସାରିଲେଣି। ସମସ୍ତଙ୍କଠାରୁ ଆଶ୍ୱାସନା ମିଳୁଛି। ତେବେ ପୁଅ ବଞ୍ଚିଛି, ନିଶ୍ଚୟ ଫେରିବ ବୋଲି ମନରେ ଆଶା ରଖିଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଅଧୀନ ବଙ୍ଗାଳପୁର ଅଞ୍ଚଳର ୬୦ବର୍ଷୀୟା ମଲ୍ଲୀ ଜେନା। । ସନାତନ ଜେନା ଓ ମଲ୍ଲୀ ଜେନାଙ୍କ ଦୁଇ ଝିଅ ଓ ଦୁଇ ପୁଅ। ଉମାକାନ୍ତ ହେଉଛନ୍ତି ବଡପୁଅ। ମଲ୍ଲୀ ଓ ସନାତନ ଚାଷକାମ କରି ଚଳନ୍ତି। ପରିବାର ଚଳାଇବା ପାଇଁ ମାତ୍ର ୧୭ବର୍ଷ ବୟସରେ ବଡପୁଅ ଉମାକାନ୍ତ ଘରୁ ଗୋଡକାଢି ପଡୋଶୀଙ୍କ ସହିତ ମୁମ୍ବାଇ ଯାଇଥିଲେ। ସେଠାରେ ଥାନେ ଅଞ୍ଚଳରେ ଥିବା ସିନ୍ଧୁଦୁର୍ଗା ହୋଟେଲରେ କାମ ଆରମ୍ଭ କରିଥିଲେ। ପରେ ଟଙ୍କା ପଠାଇ ସାନ ଭଉଣୀଙ୍କ ବିବାହ ସମ୍ପନ୍ନ କରାଇଥିଲେ। ଭଉଣୀ ବିବାହ ପରେ ଘରକୁ ଆସି ପୁଣି ମୁମ୍ବାଇ ଯିବା ପରେ ଗତ ୨୦ବର୍ଷ ହେଲା ଉମାକାନ୍ତଙ୍କ କୌଣସି ଖୋଜ ଖବର ନ ଥିବା କହିଛନ୍ତି ତାଙ୍କ ମା' ମଲ୍ଲୀ। ଘରକୁ ଫୋନ ନାହିଁ କିମ୍ବା ପୁଅଠାରୁ ଘର ଚଳାଇବା ପାଇଁ ଟଙ୍କା ମଧ ଆସୁନାହିଁ। ସମ୍ପର୍କୀୟମାନଙ୍କୁ ପୁଅର ଖବର ନେବା ପାଇଁ ମଲ୍ଲୀ ବହୁତ ନେହୁରା ହୁଅନ୍ତି, ପ୍ରତ୍ୟେକ ଦିନ ସେ ପୁଅର ବାଟକୁ ଚାହିଁ ରହନ୍ତି। ତାଙ୍କ ପରିବାର ହରିଜନ ଶ୍ରେଣୀର ହୋଇଥିବାରୁ ପ୍ରଶାସନ କିମ୍ବା କେଉଁଠି କଣ ଆବେଦନ କରିବା ପାଇଁ ପଡିବ ତାହା ମଧ ତାଙ୍କୁ ଜଣାନାହିଁ। ପ୍ରଶାସନ ଏ ଦିଗରେ ସହାୟତା କରିବାକୁ ଉମାକାନ୍ତଙ୍କ ପରିବାର ଲୋକେ ନିବେଦନ କରିଛନ୍ତି।



ପୁଅର ଫଟୋ ସହିତ ମଲ୍ଲୀ।

## କିରାଣିଙ୍କ ଅସ୍ୱାଭାବିକ ମୃତ୍ୟୁ

ଭୋଗରାଇ,(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବହ୍ଲାରପୁର ହାଇସ୍କୁଲର କିରାଣୀ ତଥା ଗ୍ରାମର ଗଣେଶ ଚନ୍ଦ୍ର ଦାସ ଦେଉଳା ହାଟରୁ ଘରକୁ ଫେରିବା ପରେ ହଠାତ୍ ଅଚେତ୍ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଥାନା ଛକସ୍ଥିତ ଏକ ନର୍ସିଂହୋମ୍‌କୁ ନେଇଯିବା ପରେ ଡାକ୍ତର ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ପରିବାର ଲୋକେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନବ ବର୍ଷ

ବଡ଼ବିଲ,୧୪।୪ (ସ୍ୱ:ପ୍ର:): କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳର ବିଭିନ୍ନ ମନ୍ଦିର ଗୁଡ଼ିକରେ ମହାବିଷୁବ (ପଣା) ସଂକ୍ରାନ୍ତି ଅବସରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନବ ବର୍ଷରେ ବିଷୁବ ମିଳନ ଅନୁଷ୍ଠିତ ହୋଇଛି। ବଡ଼ବିଲ ବାର ଆସୋସିଏସନ ପକ୍ଷରୁ ସ୍ଥାନୀୟ ରାଜସ୍ୱ କାର୍ଯ୍ୟାଳୟ ପରିସରରେ ମିଳନର ଆୟୋଜନ କରାଯାଇଥିଲା। ମିଳନରେ ତହସିଲଦାର ଆଲୋକ ପଟେଲଙ୍କ ସହ ଆଇନଜୀବୀ, ଭେଣ୍ଡର, ଟାଇପିଷ୍ଟ, ମୋହରୀର, ରାଜସ୍ୱ ବିଭାଗୀୟ କର୍ମଚାରୀ ଓ ସ୍ଥାନୀୟ ଲୋକେ ଯୋଗଦେଇ ପଣା ପାନୀୟ ସେବନ କରିଥିଲେ।

### ହନୁମାନ ଯଜ୍ଞ

ବାଲିଆପାଳ,୧୪।୪(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ରାଧା ମଦନମୋହନ ମନ୍ଦିର ପରିସରରେ ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ ଓଡ଼ିଶା ପ୍ରାଇଡର ସଭାପତି ମାନସ ଦାସଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ହନୁମାନ ଯଜ୍ଞ ଅନୁଷ୍ଠିତ ହୋଇଯାଉଛି। ଡା. ହରେକୃଷ୍ଣ ଦାସଙ୍କ ଦ୍ୱାରା ନିର୍ମିତ ରାଧା ମଦନମୋହନ ମନ୍ଦିରରେ ସକାଳ ନୀତିକାନ୍ତି ପରେ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞବେଦିକୁ ସାଜସଜ୍ଜା କରାଯାଇ ହନୁମାନ ଯଜ୍ଞ ଆରମ୍ଭ ହୋଇଥଲା। ପ୍ରଥମ ପର୍ଯ୍ୟାୟରେ ଉପସ୍ଥିତ ସମସ୍ତ ବାଜରଙ୍ଗୀ ଶ୍ରଦ୍ଧାଳୁମାନଙ୍କୁ ସାମୂହିକ ଭାବରେ କର୍ତ୍ତା ସଂକଳ୍ପ କରାଯାଇ ଶ୍ରୀରାମ ଲକ୍ଷ୍ମଣ ସୀତାଙ୍କ ସହିତ ବୀର ହନୁମାନଙ୍କୁ ପୂଜାର୍ଚ୍ଚନା କରାଯାଉଥିଲା। ବହୁ ଶ୍ରଦ୍ଧାଳୁ ପୂଜା ପାଠ ସମୟରେ ଯଜ୍ଞବେଦୀ ପାର୍ଶ୍ୱରେ ହନୁମାନ ଚାଳିଶା ଶ୍ରଦ୍ଧାରେ ପାଠ କରିଥଲେ।

### ମୃତକଙ୍କ ପରିବାରଙ୍କୁ ୫ଲକ୍ଷ ଟଙ୍କାର ବୀମାରାଶି



ବାହାନଗା,୧୪।୪(ଡି.ଏନ.ଏ.) ବାଲେଶ୍ୱର ଜିଲା ବାହାନଗା ବ୍ଲକର ଖନ୍ତାପଡା ସେବା ସମବାୟ ସମିତି ପକ୍ଷରୁ ଜଣେ ମୃତ ଚାଷୀଙ୍କ ସ୍ତ୍ରୀଙ୍କୁ ୫ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। କସପାଜୟପୁର ପଞ୍ଚାୟତ ଜିରିତାଳ ଗ୍ରାମର ରବୀନ୍ଦ୍ର ଗିରି ୨୦୧୯ରେ ଖନ୍ତପଡା ସେବା ସମବାୟ ସମିତିରୁ ଚାଷ ପାଇଁ ଋଣ ନେଇଥିଲେ। ମାତ୍ର ଋଣ ନେବାର ବର୍ଷକ ପରେ ଅର୍ଥାତ ୨୦୨୦ ଜୁଲାଇ ୧୯ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ରବୀନ୍ଦ୍ର ଚାଷ ପାଇଁ ନେଇଥିବା ଋଣର ବୀମା କରିଥିବାରୁ ତାଙ୍କର ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ବୀଣାପାଣିଙ୍କୁ ୩ବର୍ଷ ପରେ ୫ଲକ୍ଷ ଟଙ୍କାର ବୀମାରାଶି ସେବା ସମବାୟ ସମିତି ପକ୍ଷରୁ ଗୁରୁବାର ଚେକ୍ ଆକାରରେ ପ୍ରଦାନ କରାଯାଇଛି। ଏହି ବୀମା ରାଶି ପ୍ରଦାନ ବେଳେ ବାହାନଗା ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ନାରାୟଣ ମହାପାତ୍ର, ଅତିରିକ୍ତ ଶାଖା ପରିଚାଳକ ସଞ୍ଜୟ କୁମାର ପ୍ରଧାନ, ସମବାୟ ସମିତି ପରିଚାଳନା ସଭାପତି ଦିଲୀପ କୁମାର ଦାସ, ସମିତି ସମ୍ପାଦକ ବସନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବୀଣାପାଣିଙ୍କୁ ୫ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରିଥିଲେ।

# ‘ସାମାଜିକ ସଂସ୍କାର ପାଇଁ ଜୀବନବ୍ୟାପୀ ଲଢ଼ିଥିଲେ’

## ଜିଲାସ୍ତରୀୟ ଆମ୍ବେଡ଼କର ଜୟନ୍ତୀ ପାଳିତ

ବାଲେଶ୍ୱର ଅଫିସ, ୧୪।୪

ବାଲେଶ୍ୱର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ବାବାସାହେବଙ୍କ ଦ୍ୱାରା ନାରୀ ସଶକ୍ତିକରଣ ନିମନ୍ତେ ନିଆଯାଇଥିବା ସଂଘର୍ଷପୂର୍ଣ୍ଣ ପଦକ୍ଷେପ ବିଷୟରେ ଉପସ୍ଥାପନା କରିଥିଲେ। ଜିଲା ପ୍ରଶାସନ ତରଫରୁ ଆୟୋଜିତ ସମାରୋହରେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସଭାପତିତ୍ୱ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସଭାକୁ ପରିଚାଳନା କରିବା ସହ ସ୍ୱାଗତ ଭାଷଣ



ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ ଅବସରରେ ବିଧାୟକ ସ୍ୱରୂପ ଦାସ, ଜିଲାପାଳ ଓ ଅନ୍ୟମାନେ।

ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ଆମ୍ବେଡକର ତତ୍କାଳୀନ ସାମାଜିକ ଅସମାନତା ବିରୋଧରେ ଜୀବନବ୍ୟାପୀ ଲଢ଼ିଥିଲେ ବୋଲି କହିଥିଲେ। ବିଶିଷ୍ଟ ସମାଜବିତ ଶତ୍ରୁଘ୍ନ ମଲ୍ଲିକ, ବିଶିଷ୍ଟ ଆଇନଜୀବୀ ବିଜୟ ପାଣିଗ୍ରାହୀ ଆଲୋଚନାରେ ଅଂଶଗ୍ରହଣ କରି ଅନେକ ଭାରତୀୟ ବାବାସାହେବଙ୍କ ପ୍ରଚେଷ୍ଟାରେ ଅଣାଯାଇଥିବା ସଂସ୍କାର ପାଇଁ ସାଧାରଣରୁ ଅସାଧାରଣ ହୋଇପାରିଛନ୍ତି ବୋଲି କହିଥିଲେ। ବାଲେଶ୍ୱର ଉପ-ଜିଲାପାଳ କୁନାଲ ମୋତିରାମ ଚୌହାନ ସମାରୋହରେ ମଞ୍ଚାସୀନ ଥିଲେ। ପୂର୍ବରୁ ବିଦ୍ୟାଳୟ ସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବର୍ଗରେ ଟାଉନ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଅମରନାଥ ଖଟୁଆ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗରେ ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ର ଶିବନାରାୟଣ ନାୟକ ପ୍ରଥମ ସ୍ଥାନ ହାସଲ କରିଥିଲେ।

# ବାରିପଦାର ପ୍ରସିଦ୍ଧ ଉଡ଼ାପର୍ବ

ବାରିପଦା ଅଫିସ, ୧୪।୪

ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ବାରିପଦାର ପ୍ରସିଦ୍ଧ ଭକ୍ତା ବା ଉଡ଼ାପର୍ବ ଶୁକ୍ରବାର ପଣାସଂକ୍ରାନ୍ତିରେ ଏମ୍‌ପିସି କଲେଜ(ରାଜପ୍ରସାଦ) ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ଓ ଦକ୍ଷିଣସାହି ପାଟଭକ୍ତା କହ୍ନେଇ ରଣା ଏବଂ ଜ୍ଞାନେନ୍ଦ୍ର ରଣାଙ୍କ ନେତୃତ୍ୱରେ ୩୮ଜଣ ପାଟଭକ୍ତା ଏଥିରେ ସାମିଲ ହୋଇଥିଲେ। ବିଭାଗ ପକ୍ଷରୁ ପ୍ରସ୍ତୁତି ଅନୁଯାୟୀ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ପଣା ସଂକ୍ରାନ୍ତିର ୮ଦିନ ପୂର୍ବରୁ ଅର୍ଥାତ ୭ ତାରିଖ ଅପରାହ୍ନରେ ଭକ୍ତାମାନେ ପାରମ୍ପରିକ ନୃତ୍ୟ ସହ ମା’ ଅମ୍ବିକାଙ୍କ ମନ୍ଦିରରେ ହାକଣ୍ଡା ପୂଜାରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତତ୍‌ସହିତ ବାରିପଦାର ବିଭିନ୍ନ ଶିବ ମନ୍ଦିର ପରିକ୍ରମା କରି ପ୍ରତି ରାତିରେ ସେମାନେ ହବିଷାନ୍ନ ଭୋଜନ ସହ ଭିନ୍ନ ଭିନ୍ନ ଦିବସରେ ପର୍ବ ପାଳନ କରିଥିଲେ। ୧୧ ତାରିଖରେ ଏମ୍‌ପିସି କଲେଜ ସମ୍ମୁଖରେ କଣ୍ଟାପାଟ, ୧୨ରେ ଏମ୍‌ପିସି କଲେଜ ଓ ଶିତଳା ମନ୍ଦିର ସମ୍ମୁଖରେ ପୃଥକ୍ ଦଳ ଦ୍ୱାରା ନିଆଁପାଠ ସମ୍ପନ୍ନ ହୋଇଥିଲା। ବୁଧବାର ମଧ୍ୟରାତ୍ରରେ ଭକ୍ତାଗଣ ନିଶାଘଟ ନେଇ ଚୈତ୍ରପର୍ବ ଛଉ ମଞ୍ଚରେ ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଗୁରୁବାର ଉଗ୍ରତପାଟ (ନିଆଁଝୁଲା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇ ଜଣେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ରହିଥିଲେ। ଅନୁକୂଳ ପାଗ ପାଇଁ ବହୁ ଜନସମାଗମ ହୋଇଥିଲା।

# ସମ୍ପାଦକ ପଦବୀ ଲାଗି ନିର୍ବାଚନ, ବାକି ମନୋନୟନ



ନିର୍ବାଚନ ଅଧିକାରୀଙ୍କ ଗହଣରେ ଏନ୍‌ପିଏସ ସଂଘର ମନୋନୀତ ଏବଂ ବିଜୟୀ ସଦସ୍ୟ।

## ଖଇରା ଏନ୍‌ପିଏସ୍ ସଂଘ ପୁନର୍ଗଠନ

ଖଇରା, ୧୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଏନପିଏସ(ନ୍ୟୁ ପେନସନ ସ୍କିମ)ସଂଘର ବୈଠକ ଓ ପୁନର୍ଗଠନ କାର୍ଯ୍ୟ ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ସଂଘ ସମ୍ପାଦକ ରବି ନାରାୟଣ ଦାସ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୈଳାସ ଚନ୍ଦ୍ର ବେହେରା, ଏନପିଏସ ସଂଘର ପ୍ରାକ୍ତନ ସଭାପତି ଲମ୍ବୋଦର ଦାସଙ୍କ ଉପସ୍ଥିତିରେ ମନୋନୟନ ଏବଂ ନିର୍ବାଚନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ସମ୍ପାଦକ ପଦବୀ ପାଇଁ ଅନୁଷ୍ଠିତ ମୁକାବିଲାରେ ଉଦୟ ନାରାୟଣ ପାତ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଦର୍ଶନ ସେଠୀଙ୍କୁ ୭୧ଖଣ୍ଡ ଭୋଟରେ ପରାସ୍ତ କରିଥିଲେ । ବାକି ପଦବୀ ପାଇଁ ଅନୁଷ୍ଠିତ ମନୋନୟନ ପ୍ରକ୍ରିୟାରେ ସୁଶାନ୍ତ ମହାପାତ୍ର ସଭାପତି, ପ୍ରଦୀପ କୁମାର ମହାନ୍ତି ସମ୍ପାଦକ, ରଞ୍ଜନ କୁମାର ମହଲା ମହାସଚିବ ଭାବେ ମନୋନୀତ ହୋଇଥିଲେ। ୨୦୦୭, ୨୦୦୮, ୨୦୧୧, ୨୦୧୩ ଓ ୨୦୧୫ ବ୍ୟାଚର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ସଂଘକୁ ଅଧିକ ବଳିଷ୍ଠ କରିବା ଏବଂ ପ୍ରତ୍ୟେକ ସଦସ୍ୟଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦିଆଯିବ ବୋଲି ମନୋନୀତ ଏବଂ ବିଜୟୀ ସଦସ୍ୟମାନେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ମହାବିଷୁବ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼

ବନ୍ତ,୧୪।୪(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋସ୍ଥିତ ମା’ଗଡ଼ଚଣ୍ଡୀଙ୍କ ପୀଠରେ ମହାବିଷୁବ ମେଳା ପାଇଁ ଶୁକ୍ରବାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ନିକଟସ୍ଥ କପାଳୀ ନଦୀରୁ କଳସରେ ଜଳ ଅଣାଯିବା ପରେ ଯଥାରୀତି ପୂଜା ଆରମ୍ଭ ହୋଇଛି। ସୁବାସ ବିଶ୍ୱାଳ ଓ ଅନୁପମା ବିଶ୍ୱାଳ ପୂଜାରେ ସଂକଳ୍ପ କରିଥିବା ବେଳେ ପୁଷ୍ପାକାଚାର୍ଯ୍ୟ ଗଦାଧର ପଣ୍ଡା ଏବଂ ଆଚାର୍ଯ୍ୟ ମାନସ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ଈଶ୍ୱର ବାରିକ ମା’ଙ୍କ ପୂଜାର୍ଚ୍ଚନା କରୁଛନ୍ତି। ୨ଶହ ବର୍ଷ ହେବ ଏଠାରେ ମେଳା ଅନୁଷ୍ଠିତ ହୋଇଆସୁଛି। ସନ୍ଧ୍ୟାରେ ପାରମ୍ପରିକ ଭାବେ ମାନସିକ ପୂରଣ ପାଇଁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପାଟୁଆ ନାଚ ଅନୁଷ୍ଠିତ ହୋଇ ଭଲ ପ୍ରଦର୍ଶନ କରିଥିବା ଦଳକୁ ପୁରସ୍କୃତ କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୯ ଓ ୩୦ ତାରିଖରେ ଯାତ୍ରାଭିନୟ କାର୍ଯ୍ୟକ୍ରମ ରହିଛି। ମେଳା ପରିଚାଳନାରେ କମିଟି ସଭାପତି ନିରଞ୍ଜନ ସାମଲ, ଉପସଭାପତି ସୁବାସ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଶକ୍ତିଧର ରାଉତ, ଯୁଗ୍ମ ସମ୍ପାଦକ ରମାକାନ୍ତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଉମାଶଙ୍କର ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି।

# ଘଟ ପର୍ବ: ଜଗତେଶ୍ୱର-ପାର୍ବତୀଙ୍କ ବିବାହ



ମୋରଡ଼ା, ୧୪।୪ (ଡି.ଏନ.ଏ.)

ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର କୋହିଗ୍ରାମରେ ବାବା ଜଗତେଶ୍ୱରଙ୍କ ଘଟପର୍ବ ପାଳନ କରାଯାଇଛି। ବାବା ଜଗତେଶ୍ୱର ଓ ମା’ ପାର୍ବତୀଙ୍କ ବିବାହ ନୀତି ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ ତାଳ ପୋଖରୀରୁ ଘଟୋତ୍ତଳନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବ୍ରତ ଧାରଣ କରିବା ସହ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ବହୁ ମାନସିକଧାରୀ ଭକ୍ତ ତାଳ ପୋଖରୀରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ଟାଣ ଖରାରେ ବେତ ବାଡ଼ି ଧରି ହର ହର ମହାଦେବ ଧ୍ୱନି ଓ ବାଦ୍ୟ ସହ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ପୀଠରେ କମଳାକାନ୍ତ ଧୀର ଓ ଦେବେନ୍ଦ୍ର ବେହେରା ପାଟଭକ୍ତା ଭାବେ ରହିଥିଲେ। ଏହି ଘଟ ମେଳାକୁ ଦେଖିବା ପାଇଁ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

# ‘ସମାଜ ସଂସ୍କାରରେ ଆମ୍ବେଡକରଙ୍କ ଅବଦାନ ଅତୁଳନୀୟ’

କେନ୍ଦୁଝର,୧୪।୪(ଡି.ଏନ୍.ଏ/ସ୍ୱ.ପ୍ର.)

ସମାଜର ଦଳିତ ଅବହେଳିତ ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଡ. ଆମ୍ବେଡକରଙ୍କ ସଂଗ୍ରାମ ଚିରଦିନ ଅଭୁଲା ରହିବ। ତାଙ୍କ ବ୍ୟକ୍ତିତ୍ୱ, ଦକ୍ଷତା, ଜ୍ଞାନ ଗରିମା ଏବଂ ସମାଜ ସଂସ୍କାର ସବୁବେଳେ ଉତ୍ତରପୀଢ଼ିଙ୍କୁ ପ୍ରେରଣା ଯୋଗାଇବ। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ସମ୍ବିଧାନ ପ୍ରଣୟନରେ ସେ ଯେଉଁ ନିଷ୍ଠା, ପରାକାଷ୍ଠା ଓ ଦୂରଦୃଷ୍ଟି ପ୍ରତିପାଦନ କରିଛନ୍ତି ତାହା ଭାରତ ଏବଂ ଭାରତର ସମ୍ବିଧାନକୁ ଅନନ୍ୟ କରିଛି ବୋଲି କେନ୍ଦୁଝର ଜିଲା ସଦର ମହକୁମାରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶୁକ୍ରବାର ଭାରତରତ୍ନ ଡ. ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ଆଶିଷ ଠାକ୍‌ରେ କହିଥିଲେ।

ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ସମ୍ବିଧାନ ପ୍ରଣେତା ଡ. ଆମ୍ବେଡକର, ଜାତିର ଜନକ ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥିବୃନ୍ଦ, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସମାରୋହରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଉପଜିଲାପାଳ କେନ୍ଦୁଝର ରାମଚନ୍ଦ୍ର କିସ୍କୁ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଆଇଏଏସ୍ ପ୍ରୋବେସନର ଧିମେନ୍ ଚକ୍‌ମା ଯୋଗଦେଇଥିଲେ। କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଉଚ୍ଚ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ବିଭିନ୍ନ ପୀଠ ଉତ୍ସବମୁଖର

ଧାମନଗର, ୧୪।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଦେବୀ ପୀଠ ପଣା ସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇଥିଲା। ଅସୁରାଳି ଆନନ୍ଦବଜାରସ୍ଥିତ ବରୁଣାଇ ପୀଠରେ ମା’ଙ୍କ ଦର୍ଶନ ପାଇଁ ସକାଳୁ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ଶ୍ରଦ୍ଧାଳୁମାନେ ପୀଠରେ ଭୋଗ ଲଗାଇବା ସହ ପଣା ଲାଗି କରିଥିଲେ। ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ସହଯୋଗରେ ପୂଜା କାର୍ଯ୍ୟ ସମାପନ ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ହନୁମାନ ଜୟନ୍ତୀ ଅବସରରେ ହନୁମାନ ମନ୍ଦିରରେ ହୋମଯଜ୍ଞ, ଚାଳିଶା ପାଠ ଚାଲିଛି। ଆନନ୍ଦପୁର ପଞ୍ଚାୟତର ଚାନ୍ଦପାଟଣା ହନୁମାନ ପୀଠଠାରେ ହୋମ ଯଜ୍ଞ, ହନୁମାନ ଚାଳିଶା, ଗାର୍ଲ୍ସ ହାଇସ୍କୁଲ ଅଜା ଦୋକାନ ଛକ, ହାଟିଡିହ ଛକ, ଦକ୍ଷିଣ କୁରୁଆ, ବେଲମଳା, ଦକ୍ଷିଣବାଡ଼, ଜୟନଗର, ଷେଣ୍ଢପୁର, ସୋହଡା, ପଧାନି, ବେଦପୁର, ବନ୍ଧଟିଆ, କରଦା ଆଦି ସ୍ଥାନରେ ହନୁମାନ ଜୟନ୍ତୀ ପାଳନ କରାଯାଇଛି।

# ପଣା ପିଇ ଓଡ଼ିଆ ନୂଆବର୍ଷ ପାଳିଲେ ଲୋକେ

ଯୋଡ଼ା,୧୪।୪(ଡି.ଏନ.ଏ.)

କେନ୍ଦୁଝର ଜିଲାର ଖଣି ଅଞ୍ଚଳ ଯୋଡ଼ା ସହରରେ ଶନିବାର ନବବର୍ଷ ଓ ପଣାସଂକ୍ରାନ୍ତିରେ ଲୋକେ ବେଲପଣା ପିଇ ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯୋଡ଼ା ବ୍ଲକ୍ କଲୋନୀ ସନ୍ନିକଟରେ କିଛି ଯୁବଗୋଷ୍ଠୀଙ୍କ ମିଳିତ ପ୍ରଚେଷ୍ଟାରେ ଆୟୋଜିତ ଓଡିଆ ନବବର୍ଷ ତଥା ପଣାସଂକ୍ରାନ୍ତି ଅବସରରେ ବିଭିନ୍ନ ପ୍ରକାର ଫଳ, ଦହି, ବେଲ, ଛେନା, ବୁନ୍ଦିଆରେ ତିଆରି ପଣା ବିତରଣ କରାଯାଇଥିଲା। ପଥଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକମାନେ ପଣାପାଣି ପାନ କରି ମଜା ଉଠାଇଥିଲେ। ଭକ୍ତହରୀ ଦାସ, ଗଣେଶ ବାରିକ, ନବ କିଶୋର ସାହୁ, ବାସୁଦେବ ପଲେଇଙ୍କ ସମେତ ଅନ୍ୟମାନଙ୍କ ସହଯୋଗକ୍ରମେ ଏହି ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନବବର୍ଷରେ ଚାରାରୋପଣ, ପଣାବଣ୍ଟନ



ବଜାରରେ ପଣା ବଣ୍ଟନ କରାଯାଉଛି।

ରୂପସା, ୧୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜନତା ବନ୍ଧୁ ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ପବିତ୍ର ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ସଦର ବ୍ଲକ ହଳଦୀପଦା ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଳଦୀପଦା ସରପଞ୍ଚ ବରେନ୍ଦ୍ର ସେଠୀ, ସାମାଜିକ କର୍ମୀ ଚୈତନ୍ୟ ସାହୁ , ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଜଗେଶ୍ୱର ପଣ୍ଡା, ଯୁବ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ହିଁ ପରିବେଶ ସୁରକ୍ଷା ଦିଗରେ ସହାୟକ ହୋଇଥାଏ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହାରାଷ୍ଟ୍ରର ସାମାଜସେବୀ ବିକାଶ ଜଗନ୍ନାଥ ସିନ୍ଧେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିନ୍ଧେ ଦୀର୍ଘ ୪ ଲକ୍ଷ ୨୧ ହଜାର କି.ମି. ପଥ ନିଜ ବାଇକରେ ଅତିକ୍ରମ କରି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ସଂଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଚାରାରୋପଣ ସହିତ ପଣା ବଣ୍ଟନ କରାଯାଇ ଓଡ଼ିଆ ନୂଆ ବର୍ଷ ପାଳନ କରାଯାଇଥିଲା। ଚାରିଆଡ଼େ ଗଛକୁ କାଟି ନଷ୍ଟ କରାଯାଉଥିବା ବେଳେ ଜନତା ବନ୍ଧୁ ସଂଗଠନର ଏଭଳି ନିଆରା ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମକୁ ନାରୀନେତ୍ରୀ ସୁକାନ୍ତିଲତା ଭକ୍ତା ଏବଂ ସମାଜସେବୀ ସୁଶୀଲ ଭକ୍ତା ପରିଚାଳନା କରିଥିଲେ।

# ସାମରିକ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଚମ୍ପୁଆ,୧୪।୪(ଡି.ଏନ.ଏ): କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ପାଞ୍ଚପୋଖରିଆଠାରେ ଏକ ନିଶୁଳ୍କ ସାମରିକ ପ୍ରଶିକ୍ଷଣ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଯୁବପିଢ଼ିଙ୍କୁ ଅଧିକରୁ ଅଧିକ ସାମରିକ ଏବଂ ଅର୍ଦ୍ଧସାମରିକ ବାହିନୀରେ ସାମିଲ ଲକ୍ଷ୍ୟରେ ଚମ୍ପୁଆ ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ ଏହି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ସମ୍ମାନିତ ଅତିଥିଭାବେ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ ଓ ବଡିବିଲ୍ଡିଂରେ ମିଷ୍ଟର କର୍ଣ୍ଣାଟକ ଉପାଧିରେ ୩ଥର ଭୂଷିତ ହୋଇଥିବା ଚମ୍ପୁଆ ଅଞ୍ଚଳର ଯୁବକ ସୁନାରାମ ପୂର୍ତ୍ତି, ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଶିକ୍ଷକ ଧରଣୀଧର ଦାସ, ସୈନିକ କଲ୍ୟାଣ ସଂଘ ସଭାପତି ଚକ୍ରଧର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଫିତାକାଟି କେନ୍ଦ୍ରର ଉଦ୍‌ଘାଟନ କରି ପ୍ରାକ ପ୍ରଶିକ୍ଷଣ ଦ୍ୱାରା ଯୁବକ ସାମରିକ ଓ ଅର୍ଦ୍ଧସାମରିକ ବାହିନୀରେ ସଫଳତା ହାସଲ କରିପାରିବେ ବୋଲି ମତ ଦେଇଥିଲେ। ପ୍ରଶିକ୍ଷକ ଅରୁଣ ନାଏକ ଅତିଥିମାନଙ୍କୁ ପ୍ରଶିକ୍ଷଣ ବ୍ୟବସ୍ଥା ଓ ସରଞ୍ଜାମ ଦେଖାଇଥିଲେ। ସଂଘ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ଉକ୍ତ ପ୍ରଶିକ୍ଷଣ କେନ୍ଦ୍ରଠାରେ ଏକ୍ ରୁମ୍ ଏବଂ ସୌଚାଳୟ ନିର୍ମାଣ ପାଇଁ ଅନୁରୋଧ କରାଯାଇଥିଲା। ସୁରେଶ ଚନ୍ଦ୍ର ଗିରି ପରିଚାଳନା କରିଥିଲେ।



ଉପସ୍ଥିତ ଅତିଥି ଓ ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘ ସଦସ୍ୟ।

# ‘ସାହିତ୍ୟ ସମାଜର ମାର୍ଗଦର୍ଶକ’

## ରାଜ୍ୟସ୍ତରୀୟ ବିଷୁବ ମିଳନ



ଉତ୍ସବରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର, ୧୪।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅବସର ସାହିତ୍ୟ ପତ୍ରିକା ଆନୁକୂଲ୍ୟରେ ୧୮ତମ ରାଜ୍ୟସ୍ତରୀୟ ବିଷୁବ ମିଳନ ଉତ୍ସବ-୨୦୨୩ ସହ କବିତା ପାଠୋତ୍ସବ, ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ଅନୁବାଦକ ଅଭିମନ୍ୟୁ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସିନେଟ ସଦସ୍ୟ ତଥା ସ୍ତମ୍ଭକାର ଇଂ. ଅଭୟ ସୁତାର ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସମାଜର ମାର୍ଗଦର୍ଶକ। ଏହା ଠିକ୍ ଦିଗ୍‌ଦର୍ଶନ ଦେବା ସହ କର୍ମ ମଣିଷକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ତଥା ସ୍ତମ୍ଭକାର ଡ. ବିଶ୍ୱରଞ୍ଜନ ଦାସ ଓ ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ନିହାର ରଞ୍ଜନ କର ଯୋଗ ଦେଇଥିଲେ। ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପାର୍ଥସାରଥି ବାରିକ ସ୍ୱାଗତ ବକ୍ତବ୍ୟ ରଖିଥିଲେ। କବି ଓ ଖବରଦାତା ପ୍ରହ୍ଲାଦ ବାରିକଙ୍କୁ ଅବସର ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି କବି ରତ୍ନାକର ପଣ୍ଡାଙ୍କୁ ବନମାଳୀ ବାରିକ ସ୍ମୃତି ସମ୍ମାନ, ସାମାଜିକ କର୍ମୀ ଓ ଖବରଦାତା କିଶୋର କୁମାର ମହାପାତ୍ରଙ୍କୁ ଯୁବକଲ୍ୟାଣ ସେବା ସମ୍ମାନ, ଓଏଏସ୍ ମାଧୁରୀ ବେହେରାଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା, କବି ସତ୍ୟପ୍ରିୟ ମହାନ୍ତି, ନାରାୟଣ ପ୍ରସାଦ ବାରିକ, ଉଦୟ କୁମାର ଜେନା, ସୂର୍ଯ୍ୟସାରଥୀ ବାରିକ, ରଙ୍ଗରାଗ ସମ୍ପାଦକ ପ୍ରଦୀପ୍ତ ମହାନ୍ତିଙ୍କ ସମେତ ଶତାଧିକ ସାରସ୍ୱତ ସାଧକ ଉତ୍ସବରେ ଯୋଗ ଦେଇଥିଲେ।

# ଐଶ୍ୟନେଶ୍ୱର ପୀଠରେ ଚଇତି ଉଡ଼ାପର୍ବ ସମ୍ପନ୍ନ

ରାଇରଙ୍ଗପୁର,୧୪।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ଖଡ଼ଖାଇ ନଦୀପାର୍ଶ୍ୱ ବାବା ଶ୍ରୀ ଐଶ୍ୟନେଶ୍ୱର ମହାଦେବ ପୀଠସ୍ଥଳରେ ଗତ ୩ ଦିନ ଧରି ଚାଲିଥିବା ପ୍ରସିଦ୍ଧ ଚଇତି ଉଡ଼ାପର୍ବ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଳୁ ଖଡ଼ଖାଇ ନଦୀଘାଟ ଜଳରେ ବୁଡ଼ ପକାଇ ଶୁଭଘଟ, କାମନା ଘଟ, ଡାଳିଭଙ୍ଗା ଘଟ ଏବଂ ଗୋରିଆ ଭାର ଘଟ ଐଶ୍ୟନେଶ୍ୱରଙ୍କ ପୀଠସ୍ଥଳକୁ ନେଇଥିଲେ। ମାନସିକଧାରୀ ପିଠି ବାହୁରେ କଣ୍ଟାଫୋଡ଼ା ସମେତ ବିଭିନ୍ନପାଟ ଭକ୍ତଗଣ ପିଠସ୍ଥଳ ପାର୍ଶ୍ୱ ଉଡ଼ା ଖୁଣ୍ଟରେ ଉଡ଼ିବା ସହ ଶ୍ରଦ୍ଧାଳୁମାନଙ୍କୁ ପୁଷ୍ପବୃଷ୍ଟି କରିଥିଲେ।

# ଆଖଣ୍ଡଳମଣି ପୀଠରେ ଜଳଲାଗି କଲେ ଗୋପାଳ

ଆରଡ଼ି,୧୪।୪ (ଡି.ଏନ.ଏ.)

ମହାବିଷୁବ ସଂକ୍ରାନ୍ତିରେ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ସ୍ଥାନୀୟ ଅଞ୍ଚଳର ଗୋପାଳମାନେ ବାବାଙ୍କ ମସ୍ତକରେ ଜଳଲାଗି ସେବା କରିଛନ୍ତି। ଶୁକ୍ରବାର ସକାଳ ୫ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ବାବାଙ୍କର ଷୋଡ଼ଶ ଉପଚାର ପୂଜା ପରେ ପାଣି ଭାର ଧରି ଲମ୍ବାଧାଡ଼ିରେ ପ୍ରତୀକ୍ଷାରତ ଗୋପାଳମାନେ ଜଣକ ପରେ ଜଣେ ମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ଶୁଦ୍ଧପୂତ ମନରେ ୨ଟି ପିତ୍ତଳ ଗଡୁରେ ନିକଟସ୍ଥ ବୈତରଣୀ ନଦୀରୁ ଆଣିଥିବା ପବିତ୍ର ଜଳକୁ ସେବାୟତମାନେ ବାବାଙ୍କ ମସ୍ତକରେ ଢାଳିଥିଲେ। ସଂକ୍ରାନ୍ତିରେ ପ୍ରାୟ ୧ ହଜାରରୁ ଅଧିକ ଗୋପାଳ ଜଳଲାଗି କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


ଜଳଲାଗି ପାଇଁ ଗୋପାଳମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ସ୍ଥାନୀୟ ମୁଆଁ, ସିଙ୍ଗିପୁର, ବାତୋଳ, ନାନ୍ଦପୁର, ବାଙ୍କମୁହାଁ, କୁଲେଇପଦା, ଓଳଗ, ଷାଠିବାଙ୍କୁଡା, ବୋଡକ, ଅମୃତ ମଣୋହି, ଦୋହରାପାଟଣା, ସୁନ୍ଦରପୁର ଆଦି ଗାଁର ଗୋପାଳମାନେ ଜଳଲାଗି ସେବା କରିଛନ୍ତି। ବୈଶାଖ ମାସର ପ୍ରତ୍ୟେକ ସୋମବାର ମଧ୍ୟ ସେମାନେ ଜଳଲାଗି କରିବେ। ଶୁକ୍ରବାରଠାରୁ ବାବାଙ୍କର ଶୀତଳ

### ଶୀତଳ ଉପଚାର ପୂଜା ଆରମ୍ଭ

ଉପଚାର ନୀତି ଆରମ୍ଭ ହୋଇଛି। ଏହା ବୈଶାଖ ମାସ ସାରା ଚାଲୁ ରହିବ ବୋଲି ସେବାୟତଙ୍କଠାରୁ ପ୍ରକାଶ। ଏହି ଶୀତଳ ଉପଚାର ନୀତି ଅନୁସାରେ ବାବା ଆଖଣ୍ଡଳମଣିଙ୍କ ମସ୍ତକ ଉପରି ଭାଗରେ ଏକ ପିତ୍ତଳ ଝରିରେ ସୁବାସିତ ଜଳ ପୂର୍ଣ୍ଣ କରି ରଖାଯାଇଥାଏ। ଝରିର ତଳ ଭାଗରେ ଏକ ଛିଦ୍ର ଦ୍ୱାରା ବାବାଙ୍କ ମସ୍ତକରେ ଦିନତମାମ ଜଳବିନ୍ଦୁ ପଡ଼ିଥାଏ। ଏଥିସହ ମଙ୍ଗଳ ଆଳତି ପରେ ବାବାଙ୍କୁ ପଣା ଭୋଗ ଅର୍ପଣ କରାଯାଇଥିଲା। ପରେ ଏହି ପଣାଭୋଗ ଶ୍ରଦ୍ଧାଳୁମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ପଣା ଭୋଗ ସେବନ କଲେ ଚର୍ମରୋଗ ଦୂର ହୁଏ ବୋଲି ବିଶ୍ୱାସ ରହିଛି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ସୌମ୍ୟ


@ଶଶିକାନ୍ତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଶ୍ରୀରାମନବମୀ ମହୋତ୍ସବ କମିଟିର ଝଣ୍ଡା ଶୋଭାଯାତ୍ରା



ଝଣ୍ଡା ଯାତ୍ରା ସହର ପରିକ୍ରମା କରୁଛି।

ଢେଙ୍କିକୋଟ,୧୪।୪(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ ଶ୍ରୀରାମନବମୀ ମହୋତ୍ସବ କମିଟି ତରଫରୁ ଶୁକ୍ରବାର ଦଳେଇସାହିସ୍ଥିତ ହନୁମାନ ପ୍ରତିମୂର୍ତ୍ତିଠାରେ ୩୧ତମ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାମନବମୀ କମିଟି ସମ୍ପାଦକ ମକରଧ୍ୱଜ ସାହୁ, ସଭାପତି ରାଜକିଶୋର ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସକ୍ରିୟ ସଦସ୍ୟଙ୍କ ସହଯୋଗରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପଣା ବଣ୍ଟନ କରାଯାଇଥିଲା। ଅପରାହ୍ନ ସମୟରେ ଶ୍ରୀଦୁର୍ଗା ପୂଜା ମଣ୍ଡପ ଓ ଦେବୀ ମଣ୍ଡପଠାରେ ମା' ଦଶ ଭୁଜାଙ୍କୁ ଯଥାବିଧି ପୂଜା ପୂର୍ବକ ଦୁଇ ମଣ୍ଡପରୁ ଝଣ୍ଡା ବାହାରି ବଜାର, ସାହି ଓ ବସ୍ତି ପରିକ୍ରମା କରିଥିଲା। ଘଟଗାଁ ଥାନା ଅଧିକାରୀ ପ୍ରତିଭା ମଞ୍ଜୋରୀ ସାହୁ, ସବଇନ୍ସପେକ୍ଟର ତପନ ଜେନା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲେ।

## ଚନ୍ଦନେଶ୍ୱର ମନ୍ଦିରରେ ପଣାଭୋଗ, ସମୁଦ୍ରରେ ତିଳତର୍ପଣ

ଭୋଗରାଇ, ୧୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ଅନ୍ତିମ ଉତ୍ସବ ପ୍ରସିଦ୍ଧ 'ପାଟ' ଉତ୍ସବ ଗୁରୁବାର ଶେଷ ହୋଇଥିଲେ ମଧ୍ୟ ଓଡ଼ିଆ ନବଦିବସ ଓ ପଣା ସଂକ୍ରାନ୍ତିରେ ଜୀଉଙ୍କ ମନ୍ଦିରରେ ସନ୍ଧ୍ୟା ଆଳତୀରେ ପଣାଭୋଗ ନୈବେଦ୍ୟ ଲାଗିଥିଲା। ଜୀଉଙ୍କ ମୌରସୀ ତପନ କୁମାର ପଣ୍ଡା, ଉପ-ମୌରସୀ ବୁଦ୍ଧଦେବ ପଣ୍ଡା, ଟ୍ରଷ୍ଟ ବୋର୍ଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ସେବାୟତ, ପଣ୍ଡା ପ୍ରମୁଖ ଜୀଉଙ୍କଠାରେ ସ୍ୱତନ୍ତ୍ର ଭାବେ ପଣାଭୋଗ ବ୍ୟବସ୍ଥା କରିଥିଲେ। ଠାକୁରଙ୍କ କୌଳିକ ପ୍ରଥା ଓ ନୀତିକାନ୍ତି ଆରାଧନା ପରେ ସେବାୟତଙ୍କ ଦ୍ୱାରା ଜୀଉଙ୍କ ଉଦ୍ଦେଶ୍ୟରେ ଲାଗିଥିବା ପଣାଭୋଗକୁ ବହୁ ଶ୍ରଦ୍ଧାଳୁ ପାନ କରିଥିଲେ। ଅପରପକ୍ଷରେ ମହାବିଷୁବ ସଂକ୍ରାନ୍ତିରେ ତାଳସାରୀ, ଉଦୟପୁର, କୀର୍ତ୍ତନିଆ ବେଳାଭୂମିରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ହଜାର ହଜାର ଶ୍ରଦ୍ଧାଳୁ ଶ୍ରାଦ୍ଧାଦି କାର୍ଯ୍ୟ ଶେଷ କରି ସମୁଦ୍ରରେ ବୁଡ଼ ମାରି ଚଳିତ ଓଡ଼ିଆ ନବବର୍ଷ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ବୋଲି ଚନ୍ଦନେଶ୍ୱର ଜୀଉଙ୍କଠାରେ ଆରାଧନା କରି ଘର ବାହୁଡ଼ା ହୋଇଥିଲେ।


ତାଳସାରୀ ବେଳାଭୂମିରେ ଶ୍ରଦ୍ଧାଳୁଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ।

## ମାଳଦାରେ ମହାବୀର ଜୟନ୍ତୀ



ଭଣ୍ଡାରିପୋଖରୀ, ୧୪।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦା ପଞ୍ଚାୟତରେ ମହାବୀର ଜୟନ୍ତୀ ମହାଆଡ଼ମ୍ବରରେ ପାଳନ କରାଯାଇଛି। କର୍ତ୍ତା ଭାବେ ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, କନକ ଖିଲାର, ରବିନାରାୟଣ ଖିଲାର, ରେଣୁବାଳା ଖିଲାର, ରାଜନାରାୟଣ ଖିଲାର ଓ ମୀନାରାଣୀ ଖିଲାର ସଂକଳ୍ପ କରିଥିଲେ। ପୂଜକ ପଣ୍ଡିତ ନରନାରାୟଣ ମିଶ୍ର ଓ କାଳନ୍ଦୀ ଦାଶ ଦିବସବ୍ୟାପୀ ପୂଜାର୍ଚ୍ଚନା କରିଥିଲେ। ସୂର୍ଯ୍ୟପୂଜା, ୧୦୮ ହନୁମାନ ଚାଳିଶା ପାଠ, ହୋମଯଜ୍ଞ ଆଦି କରାଯାଇଥିଲା। ଏହି ଅବସରରେ ମହାବୀର ସଙ୍ଗଠନ ପକ୍ଷରୁ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। କଳାକାର ଧରଣୀଧର ଦାସ, ଜୟଦେବ ପରିଡ଼ା, ବାବୁ ଓଝା, ଶତ୍ରୁଘ୍ନ ଦାସ, ପରେଶ ଦାସ, ତାନା ଖିଲାର ପ୍ରମୁଖ ଗୀତ ଗାଇଥିଲେ। ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ପ୍ରାକ୍ତନ ସରପଞ୍ଚ ମୋହନ ରାୟ, ଶିକ୍ଷାବିତ୍ ଦେବେନ୍ଦ୍ର ମହାନ୍ତି, ଯୁବନେତା ପ୍ରତ୍ୟୁଷ ସାମଲ, ପବିତ୍ର ପାଣିଗ୍ରାହୀ, ଦେବେନ୍ଦ୍ର ଦାସ, ଭାଗୀରଥି ପରିଡ଼ା, ଖବରଦାତା ରାଜେନ୍ଦ୍ର ଶତପଥୀ, ଦୁର୍ଯ୍ୟୋଧନ ଲେଙ୍କା, ମନୋରଞ୍ଜନ ମହାନ୍ତି, ଆଇନଜୀବୀ ପିରେଶ୍ୱର ବାରିକ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ଅଶୋକ ଜେନା, ବାସୁଦେବ ପରିଡ଼ା, ବାବୁ ଜେନା, ପୂର୍ଣ୍ଣଚନ୍ଦ୍ର ଖିଲାର, ବଳରାମ ସାହାଣୀ ପରିଚାଳନା କରିଥିଲେ।

## ରାଜନଗରରେ ମା'ଅନ୍ଧାରିଙ୍କ ଚଇତି ପର୍ବ ଆରମ୍ଭ

ପାଟଣା,୧୪।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ଅଧିଷ୍ଠାତ୍ରୀ ଦେବୀ ମା' ଅନ୍ଧାରିଙ୍କ ଶୁକ୍ରବାରଠାରୁ ଚଇତି ପର୍ବ ଆରମ୍ଭ ହୋଇଛି। ପୂଜକ ରସାନନ୍ଦ ଦେହୁରୀ ନୀତିକାନ୍ତିରେ ପୂଜାଅର୍ଚ୍ଚନା କରୁଛନ୍ତି। ପର୍ବ ଆସନ୍ତା ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମା' ଅନ୍ଧାରିଙ୍କ ପୀଠରେ ସକାଳୁ ବିଶେଷ ପୂଜା ନୀତିକାନ୍ତିରେ ମାର୍ଜଣା, ମଙ୍ଗଳ ଆଳତି, ସ୍ନାନ, ମହାସ୍ନାନ, ବଡ଼ସିଂହାର ବେସ, ଷୋଡ଼ଶ ଉପଚାରରେ ପୂଜା, ଭାଗବତ ପାରାୟଣ ସମ୍ପନ୍ନ ହୋଇଛି। ଚଇତି ପର୍ବର ପ୍ରଥମ ଦିନରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ କିଭଳି ଶାନ୍ତିଶୃଙ୍ଖଳାର ସହ ଦେବୀ ଦର୍ଶନ କରିବେ ସେଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୩ ଦିନ ଧରି ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ବୁଡ଼ ପକାଇଲେ ୫ ହଜାର ପାଟୁଆ

■ପାଟୁଆଙ୍କ ନୃତ୍ୟରେ କମ୍ପିଲା ପାଟଣମଙ୍ଗଳା ପୀଠ
■ଚଣା, ପଣା ଓ ବିଞ୍ଚଣାର ପର୍ବ

ତିହିଡ଼ି, ୧୪।୪(ଡି.ଏନ୍.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମସ୍ଥିତ ମା' ପାଟଣମଙ୍ଗଳାଙ୍କ ପୀଠ ପଣା ସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇଛି। ମଙ୍ଗଳା ପୋଖରୀରେ ୫ହଜାର ପାଟୁଆ ବୁଡ଼ ପକାଇଛନ୍ତି। ପାଟୁଆଙ୍କ ନୃତ୍ୟରେ କମ୍ପିଲା ପୀଠସ୍ଥଳ। କନିକା ଅଞ୍ଚଳର ଏହି ଅଧିଷ୍ଠାତ୍ରୀ ଦେବୀଙ୍କ ଯାତ୍ରା ୭ଦିନ ଧରି ଚାଲିବ। ଶୁକ୍ରବାର ପଣା ସଂକ୍ରାନ୍ତିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସଂକ୍ରାନ୍ତି ପୂର୍ବଦିନ ପାଟୁଆମାନେ ମା'ଙ୍କ ନିକଟରେ ଅଧିଆ ପଡ଼ିଥିଲେ। ପାଦୁକ ପାଇବା ପରେ ଆଜ୍ଞାମାଳ ନେଇ ମଙ୍ଗଳା ପୋଖରୀରେ ବୁଡ଼ ପକାଇଥିଲେ। ମା'ଙ୍କ ବେତ ପୂଜା ହେବା ପରେ ପାଟୁଆମାନେ ପଇତା ଧାରଣ କରିଥିଲେ। ସେମାନେ ରାତିସାରା ଉଜାଗର ରହି ମା'ଙ୍କ ବେଢ଼ାରେ ଦୀପ ଜାଳିଥିଲେ। ସଂକ୍ରାନ୍ତି ପୂର୍ବାହ୍ନରେ ପାଟୁଆମାନେ ମା'ଙ୍କ ପାଖରୁ ଆଶୀର୍ବାଦ ନେଇ ମଙ୍ଗଳା ପୋଖରୀକୁ ୭ଥର ପରିକ୍ରମା କରିଥିଲେ। ବୁଡ଼ ପକାଇ ବ୍ରତ ଶେଷ କରିଥିଲେ।

ଏହି ଅବସରରେ ପଡ଼ିଥିବା ମେଳାରେ ଜିଲା ଓ ଜିଲା ବାହାରୁ ୨ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟୀ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଛନ୍ତି। ଚଣା, ପଣା ଓ ବିଞ୍ଚଣାର ପର୍ବ ଭାବେ ଏହି ଯାତ୍ରା ଜିଲାରେ ପ୍ରସିଦ୍ଧିଲାଭ କରିଛି। ଯାତ୍ରୀମାନଙ୍କୁ ଏଠାରେ ପଣା ଯୋଗାଇ ଦିଆଯିବା ସହ ଯାତ୍ରୀମାନେ ଚଣା ଓ ବିଞ୍ଚଣା ନେଇ ଫେରିଥାନ୍ତି। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୀରହାଟ ଥାନାଧିକାରୀ ଗୟାଧର ବେହେରାଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ ହୋଇଛି। ସେହିପରି କାଁପଡ଼ାସ୍ଥିତ ବାସୁଳୀ, ଈଶ୍ୱରପୁର ଦପାନାୟକାଣୀ, ନୂଆନନ୍ଦ କଣ୍ଟିମଙ୍ଗଳା, କୋହ୍ଲସ୍ଥିତ ସାହାଡ଼ାଶୁଣୀ, ଭାଟପଡ଼ା ଓ ଫତେପୁର ତାରିଣୀ, ମଙ୍ଗଳପୁରସ୍ଥିତ ମଙ୍ଗଳା, ପାଟଣାସାହି କ୍ଷେତ୍ରପାଳ ମା' ମଙ୍ଗଳାଙ୍କ ପୀଠରେ ପଣାସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି।


ପାଟୁଆମାନେ ମଙ୍ଗଳା ପୋଖରୀରେ ବୁଡ଼ ପକାଉଛନ୍ତି।

## ଛଉ ନୃତ୍ୟରେ ମା'ଙ୍କୁ ଆବାହନ

କେନ୍ଦୁଝର,୧୪।୪(ସ୍ୱ.ପ୍ର.)

କେନ୍ଦୁଝର ଝୁମ୍ପୁରା ବ୍ଲକ୍ ଅସନପାଟ ଗ୍ରାମରେ ତିନି ଦିନ ଧରି ମା' ବାସୁଳି ଯାତ୍ରା ବେଶ ଯାକଜମକରେ ପାଳିତ ହୋଇଯାଇଛି। ଏହା ୧୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ପଣା ସଂକ୍ରାନ୍ତିରେ ଶୁକ୍ରବାର ଶେଷ ହୋଇଛି। ରାଜାରାଜୁଡା ଶାସନ ସମୟରୁ ଏହି ଛଉ ନୃତ୍ୟ ମାଧ୍ୟମରେ ଗ୍ରାମବାସୀମାନେ ମା'ଙ୍କୁ ଆବାହନ କରୁଥିଲେ। ଏହି ପରମ୍ପରା ଆଜି ବି ଲାଗି ରହିଛି। ଏହି ଦିନରେ ଘଟଗାଁ ମା' ତାରିଣୀ ପୀଠରେ ମଧ୍ୟ ଛଉ ନୃତ୍ୟର ଶୁଭାରମ୍ଭ କରିଥାନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ୬ ଟି ମଞ୍ଚ ବା ମଣ୍ଡପ ରହିଛି। ଅସନପାଟ ଗ୍ରାମର ଦୁର୍ଗତିନାଶିନୀ ଛଉନୃତ୍ୟ, ମା' ପାଟବାସୁଳି ଛଉ ନୃତ୍ୟ, ଲକ୍ଷ୍ମୀନାରାୟଣ, ଶିବତାଣ୍ଡବ ଭଳି ୧୧ ଦଳ ରହିଛି। ବିଭିନ୍ନ ରଙ୍ଗରେ

### ମା' ବାସୁଳି ଯାତ୍ରା ଉଦ୍‌ଯାପିତ

ରଙ୍ଗେଇ ହୋଇ ଏବଂ ରଙ୍ଗବେରଙ୍ଗ ଲୁଗା ପରିଧାନ କରି ବିଭିନ୍ନ ପ୍ରକାରର ବେଶରେ ସୁସଜ୍ଜିତ ହୋଇ ନୃତ୍ୟ ମାଧ୍ୟମରେ ଅଭିନୟ କରିଥାନ୍ତି। ଲୋକଙ୍କ ବିଶ୍ୱାସ ଯେ, ଯାତ୍ରା ସମୟରେ ମା'ମନ୍ଦିରରୁ ବାହାରି ଗ୍ରାମରେ ବିଚରଣ କରିଥାନ୍ତି। ଏହି ସମୟରେ ମା'ଭକ୍ତଙ୍କ ମନବାଞ୍ଛା ପୂରଣ କରିଥାନ୍ତି। ଏଣୁ ଭକ୍ତମାନେ ଦୂରଦୂରାନ୍ତରୁ ଆସିଥାନ୍ତି। ବାରିପଦା ଛଉ ଭଳି କେନ୍ଦୁଝର ଜିଲାର ଅସନପାଟ ଛଉ ନୃତ୍ୟକୁ ମାନ୍ୟତା କିମ୍ବା ପ୍ରୋତ୍ସାହନ ମିଳୁ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଉଛି। କଳାକାରମାନେ ବାଧ୍ୟ ହୋଇ ପେଟ ପାଟଣା ପାଇଁ ଷ୍ଟେଜ୍ ଛାଡ଼ି ରାସ୍ତା କଡ଼ରେ ନାଚିବାକୁ ବାଧ୍ୟ ହେଉଛନ୍ତି ବୋଲି କଳା ଓ ସଂସ୍କୃତି ପ୍ରେମୀ ନିର୍ମଳ ନାୟକ କହିଛନ୍ତି।


କଳାକାରମାନେ ନୃତ୍ୟ ପରିବେଶଣ କରୁଛନ୍ତି।

## ମାଟିତଳୁ ସାଢେ ୪ଫୁଟ୍ ହନୁମାନଙ୍କ ମୁଖ ମୂର୍ତ୍ତି ଉଦ୍ଧାର



ଭୋଗରାଇ, ୧୪।୪(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଅଲାଲବିନ୍ଧା ଗ୍ରାମସ୍ଥିତ ତାରିଣୀ ମନ୍ଦିର ପାଖ ମାଟିତଳୁ ସାଢେ ୪ ଫୁଟ ଉଚ୍ଚର ଏକ ହନୁମାନଙ୍କ ମୁଖ ମୂର୍ତ୍ତି ଉଦ୍ଧାର ହୋଇଛି। ମୂର୍ତ୍ତି ବାହାରିବା ପରେ ଗ୍ରାମ ଲୋକେ ସେଠାରେ ଥିବା ବରଗଛ ମୂଳେ ମୂର୍ତ୍ତିକୁ ରଖି ପୂଜାର୍ଚ୍ଚନା କରୁଛନ୍ତି। ମୂର୍ତ୍ତିକୁ ଦେଖିବା ଲାଗି ସେଠାରେ ଆଖପାଖ ଗ୍ରାମର ଲୋକଙ୍କ ଭିଡ ଲାଗିଛି। ସୂଚନା ଅନୁଯାୟୀ ମୂର୍ତ୍ତି ବାହାରିଥିବା ସ୍ଥାନରେ ଗ୍ରାମବାସୀ ତାରିଣୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ପାଇଁ ସେଠାରେ ମାଟି ଖୋଳୁଥିଲେ। ମାଟିରେ ଏକ ବାଉଁଶ ପୋତିବା ନିମନ୍ତେ ମାଟି ଖୋଳୁ ଖୋଳୁ ଏକ ଠକ ଠକ ଶବ୍ଦ ହେବାରୁ ସେମାନେ ସାବଧାନତାର ସହ ମାଟି ଖୋଳି ହନୁମାନ ମୁଖ ମୂର୍ତ୍ତିକୁ ଉଦ୍ଧାର କରିଥିଲେ।

# ଏଲିବେଟ୍ ଜିଓଟେକ୍-ଏଫଏମ୍ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ

ବାଲେଶ୍ୱର ଅଫିସ,୧୪।୪

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭୂବିଜ୍ଞାନ ବିଭାଗ ସହ ଏଲିବେଟ୍ ଜିଓଟେକ୍, ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୂବିଜ୍ଞାନ ବିଭାଗ ମୁଖ୍ୟ ଡ. ରୋଜାଲିନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଦେଇଥିଲେ। ଡ. ଅରୁଣ କୁମାର ନାୟକ ଆଇଜିଓ ପ୍ରାସଙ୍ଗିକ ସାଧାରଣ ସୂଚନା ଏବଂ ଆଇଜିଓ ଅଧ୍ୟକ୍ଷ ଡ. ଜୟନ୍ତ ନନ୍ଦ ଶୁଭେଚ୍ଛା ବାର୍ତ୍ତା ଜ୍ଞାପନ କରିଥିଲେ। ସେହିପରି ଏହାର ଉପାଧ୍ୟକ୍ଷ ଯାଦବନନ୍ଦ ଦାସ, ସମ୍ପାଦକ ମନୋରଞ୍ଜନ ମହାନ୍ତି ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଯଥାର୍ଥତା ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ଏହି କ୍ରମରେ ଅଧ୍ୟାପିକା ଡ. ସ୍ମୃତିରେଖା ରାଉତ ଏଲିବେଟ୍ ଜିଓଟେକ୍‌ର ଉପଯୋଗିତା ତଥା ପ୍ରୟୋଜନୀୟତା ବିଷୟରେ ସୂଚନା ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ ପ୍ରମୁଖ ଉପସ୍ଥିତ ରହି ଏହି ସ୍ୱାକ୍ଷରନାମାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଲିବେଟ୍ ଜିଓଟେକ୍ କନସଲଟାନ୍ସିର ସଦସ୍ୟ ସନ୍ତୋଷ କୁମାର ରାଉତ ବିଷୟବସ୍ତୁ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରଫେସର ରବୀନ୍ଦ୍ରନାଥ ହୋତା ଏହି ବୁଝାମଣାପତ୍ର ଦ୍ୱାରା ଭୂବିଜ୍ଞାନ ବିଭାଗ ଏବଂ ବିଶ୍ୱବିଦ୍ୟାଳୟ କିପରି ଉପକୃତ ହେବେ ସେ ବିଷୟରେ ଅଧିକ ସୂଚନା ଦେଇଥିଲେ। ଛାତ୍ରମାନଙ୍କ ତାଲିମ, ଶିକ୍ଷା ଏବଂ ଅନୁସନ୍ଧାନ କ୍ଷେତ୍ରରେ ବହୁବିଧ ସୁଯୋଗ ଓ ଅବସର ସୃଷ୍ଟି କରିବା ଏହି ଏମଓୟୁ ସ୍ୱାକ୍ଷରିତ ହେବାର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ଭୂବିଜ୍ଞାନୀଙ୍କ ପାରଦର୍ଶିତା ଓ ଦିଗଦର୍ଶନ ଛାତ୍ରମାନଙ୍କୁ କ୍ଷେତ୍ରଭିତ୍ତିକ ଜ୍ଞାନ ପ୍ରଦାନ କରିବାରେ ସାହାଯ୍ୟ କରିବ। ଫଳରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସଦ୍ୟ ଆରମ୍ଭ ହୋଇଥିବା ଭୂବିଜ୍ଞାନ ବିଭାଗର ସାମଗ୍ରିକ ବିକାଶରେ ଏହା ବିଶେଷ ସହାୟକ ହୋଇପାରିବ। ସର୍ବୋତ୍ତମ ଗୁଣବତ୍ତାଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି, ବୈଜ୍ଞାନିକ ଦୃଷ୍ଟିକୋଣ ଓ ଅନୁସନ୍ଧାନର ବିକାଶ, ମାନବ ସଂଶାଧନର ବିକାଶ, ସ୍ୱୟଂ-ସ୍ୱୟଂ ଜରିଆରେ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଥିବା କ୍ଷେତ୍ରରେ ଦକ୍ଷତା ନିର୍ମାଣ ଏବଂ ସ୍ଥାନୀୟ ଅଞ୍ଚଳରେ ଉଦ୍ୟୋମିତା ବିକାଶ-ଏହିପରି ବିବିଧ ବିଷୟକ ଜ୍ଞାନକୌଶଳ ଭିତ୍ତିକ କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଧ୍ୟାନ ନିବିଷ୍ଟ କରି ଅଗ୍ରସର ହେଉଅଛି ବୋଲି ମତ ପ୍ରକାଶ ପାଇଥିଲା। ଅଧ୍ୟାପିକା ଡ. ପଙ୍କଜିନୀ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ବୁଝାମଣାପତ୍ର ସ୍ୱାକ୍ଷର ବେଳେ ଉପସ୍ଥିତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

